# ଓଡ଼ିଶା ସାର୍ବଜନୀନ ପରୀକ୍ଷା ( ଅନୁଚିତ ସାଧନର ନିବାରଣ ) ଆଇନ, 2024

ସାର୍ବଜନୀନ ପରୀକ୍ଷାଗୁଡ଼ିକରେ ଅନୁଚିତସାଧନକୁ ନିବାରଣ କରିବା ଓ ତାହା ସହିତ ସମ୍ପୃକ୍ତ ବା ତାହାର ଆନୁଷଙ୍ଗିକ ବିଷୟଗୁଡ଼ିକ ନିମନ୍ତେ ବ୍ୟବସ୍ଥା କରିବା ସକାଶେ ଏକ ଆଇନ ।

ଭାରତ ଗଣରାଜ୍ୟର ପଞ୍ଚସ୍ତରିତମ ବର୍ଷରେ ଓଡିଶା ରାଜ୍ୟର ବିଧାନମଣ୍ଡଳ ଦ୍ୱାରା ନିମ୍ନମତେ ଅଧିନିୟମିତ ହେଉ :--

ଅଧ୍ୟାୟ-I

ପ୍ରାରମ୍ଭିକ

ସଂକ୍ଷିପ୍ତ ନାମ ଓ ପ୍ରାରମ୍ଭ

1. (1) ଏହି ଅଧିନିୟମଟି ଓଡିଶା ସାର୍ବଜନୀନ ପରୀକ୍ଷା (ଅନୁଚିତ ସାଧନର ନିବାରଣ) ଅଧିନିୟମ, 2024 ନାମରେ ଅଭିହିତ ହେବ ।

(2) ରାଜ୍ୟ ସରକାର ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା ଯେଉଁ ତାରିଖ ନିୟତ କରିବେ, ଏହା ସେହି ତାରିଖରେ ବଳବତ୍ତର ହେବ ।

ଅଧ୍ୟାୟ-II

ସଂଜ୍ଞା

ସଂଜ୍ଞା ।

2. (1) ପ୍ରସଙ୍ଗ ଅନ୍ୟଥା ଆବଶ୍ୟକ କରୁନଥିଲେ, ଏହି ଅଧିନିୟମରେ,—

(କ) **"ପ୍ରାର୍ଥୀ"** ଅର୍ଥ ଜଣେ ବ୍ୟକ୍ତି ଯେକି ସାର୍ବଜନୀନ ପରୀକ୍ଷାରେ ବସିବା ପାଇଁ ସାର୍ବଜନୀନ ପରୀକ୍ଷା ପ୍ରାଧିକାରୀଙ୍କ ଦ୍ୱାରା ଅନୁମତି ପାଇଥିବେ ଏବଂ ଏଥିରେ ସାର୍ବଜନୀନ ପରୀକ୍ଷାରେ ତାଙ୍କ ତରଫରୁ ଲେଖକ ଭାବରେ କାର୍ଯ୍ୟ କରିବା ପାଇଁ ପ୍ରାଧିକୃତ ଜଣେ ବ୍ୟକ୍ତି ଅନ୍ତର୍ଭୁକ୍ତ ଅଟନ୍ତି ;

(ଖ) ସୂଚନା ପ୍ରଯୁକ୍ତି ବିଦ୍ୟା ଅଧିନିୟମ, 2000ର ଧାରା 2ର ଉପଧାରା (1)ର ଖଣ୍ଡ (ଛକ)ରେ "ଯୋଗାଯୋଗ ଉପକରଣ"ର ଯେଉଁ ଅର୍ଥ ରହିଛି, ସେହି ସମାନ ଅର୍ଥ ହେବ ; 2000 ର 21 .

(ଗ) ସୂଚନା ପ୍ରଯୁକ୍ତି ବିଦ୍ୟା ଅଧିନିୟମ, 2000ର ଧାରା 2ର ଉପଧାରା (1)ର ଖଣ୍ଡ ( ଞ), (ଟ) ଏବଂ (ଠ)ରେ "କମ୍ପ୍ୟୁଟର ନେଟୱାର୍କ", "କମ୍ପ୍ୟୁଟର ରିସୋର୍ସ" ଓ "କମ୍ପ୍ୟୁଟର ସିଷ୍ଟମ" ର ଯଥାକ୍ରମେ ଯେଉଁ ଅର୍ଥ ରହିଛି, ସେହି ଅର୍ଥ ହେବ ; 2000 ର 21 .

(ଘ) **"ସାର୍ବଜନୀନ ପରୀକ୍ଷାର ସଞ୍ଚାଳନ "** ରେ ସାର୍ବଜନୀନ ପରୀକ୍ଷାର ସଞ୍ଚାଳନରେ ଅନୁସରଣ କରାଯିବା ପାଇଁ ବିହିତ ହେବା ମତେ ସେପରି ସମସ୍ତ ପ୍ରକ୍ରିୟା, କାର୍ଯ୍ୟଧାରା ଓ କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ ଅଟେ ;

(ଙ) **"ଅନୁଷ୍ଠାନ"** ଅର୍ଥ ଯେକୌଣସି ନାମରେ ନାମିତ ହୋଇଥିବା କୌଣସି ଏଜେନ୍ସି , ସଂଗଠନ, ନିକାୟ, ବ୍ୟକ୍ତିମାନଙ୍କ ସଂଘ, ବ୍ୟବସାୟିକ ସଂସ୍ଥା, କମ୍ପାନୀ, ଭାଗିଦାରୀ ବା ଏକକ ମାଲିକାନାଥିବା ଫାର୍ମ, ଯାହାକି ସାର୍ବଜନୀନ ପରୀକ୍ଷା ପ୍ରାଧିକାରୀ ଓ ଉକ୍ତ ପ୍ରାଧିକାରୀଙ୍କ ଦ୍ୱାରା ନିୟୋଜିତ ସେବା ଯୋଗାଣକାରୀ ଠାରୁ ଭିନ୍ନ ହୋଇଥିବ ;

**ସ୍ପଷ୍ଟୀକରଣ. —** ଏତଦଦ୍ୱାରା ସ୍ପଷ୍ଟ କରାଯାଉଅଛି ଯେ, ଏହି ଖଣ୍ଡ ଉଦ୍ଦେଶ୍ୟରେ କମ୍ପାନୀ"ରେ କମ୍ପାନୀ ଅଧିନିୟମ, 2013ର ଧାରା 2ର ଖଣ୍ଡ (20)ରେ ସଂଜ୍ଞା କରାଯାଇଥିବାମତେ ଏକ କମ୍ପାନୀ; ବା ସୀମିତ ଦାୟିତ୍ୱ ଭାଗିଦାରୀ ଅଧିନିୟମ,2008ର ଧାରା 2 ର ଉପଧାରା (1)ର 2009 ର 7 .

ଖଣ୍ଡ(ଡ)ରେ ସଂଜ୍ଞା କରାଯାଇଥିବାମତେ ଏକ ସୀମିତ ଦାୟିତ୍ୱ ଭାଗିଦାରୀ ଫାର୍ମ ଅନ୍ତର୍ଭୁକ୍ତ ଅଟେ ।

(ଚ) "**ଅଧିସୂଚନା**" ଅର୍ଥ ସରକାରୀ ଗେଜେଟରେ ପ୍ରକାଶିତ ଏକ ଅଧିସୂଚନା ଏବଂ "ଅଧିସୂଚିତ କରିବା" ଅଭିବ୍ୟକ୍ତିକୁ ତଦନୁସାରେ ଅର୍ଥ କରାଯିବ ;

(ଛ) "**ସଂଗଠିତ ଅପରାଧ**" ଅର୍ଥ ଏକ ସାର୍ବଜନୀନ ପରୀକ୍ଷା ସମ୍ପର୍କରେ ଅନୁଚିତ ଲାଭ ନିମନ୍ତେ ଦୁରଭିସନ୍ଧି ବା ଷଡଯନ୍ତ୍ରରେ ଲିପ୍ତ ରହି ନିଜେ ଅଂଶୀଦାର ହୋଇଥିବା ଏକ ସ୍ୱାର୍ଥକୁ ଅଗ୍ରସର ବା ପ୍ରୋତ୍ସାହିତ କରିବା ପାଇଁ ଜଣେ ବ୍ୟକ୍ତି ବା ବ୍ୟକ୍ତିମାନଙ୍କ ଏକ ସମୂହଦ୍ୱାରା କରାଯାଇଥିବା ଏକ ବେଆଇନ କାର୍ଯ୍ୟକଳାପ;

(ଜ) "**ସେବା ଯୋଗାଣକାରୀ ସହିତ ସହଯୋଗୀ ବ୍ୟକ୍ତି**" ଅର୍ଥ ଜଣେ ବ୍ୟକ୍ତି ଯେକି ଉକ୍ତ ସେବା ଯୋଗାଣକାରୀ ପାଇଁ ବା ତାଙ୍କ ତରଫରୁ ଜଣେ କର୍ମଚାରୀ ବା ଏଜେଣ୍ଟ ଭାବେ ହେଉ କି, ଯଥାସ୍ଥିତି ସେପରି ସେବା ଯୋଗାଣକାରୀର ଏକ ସହାୟକ ଭାବେ ସେବା ସମ୍ପାଦନ କରନ୍ତି;

(ଝ) '**ପେପର ସେଟର**' ଅର୍ଥ ସାର୍ବଜନୀନ ପରୀକ୍ଷା ପ୍ରାଧିକାରୀଙ୍କଦ୍ୱାରା ପ୍ରଶ୍ନ ବା ପ୍ରଶ୍ନ ବ୍ୟାଙ୍କ କିମ୍ବା ପ୍ରଶ୍ନପତ୍ର ପ୍ରସ୍ତୁତି ପାଇଁ ନିଯୁକ୍ତ କୌଣସି ବ୍ୟକ୍ତି କିମ୍ବା ସଂସ୍ଥା ;

(ଞ) "**ବିହିତ**" ଅର୍ଥ ଏହି ଅଧିନିୟମ ଅଧୀନରେ ପ୍ରଣିତ ନିୟମାବଳୀଦ୍ୱାରା ବିହିତ ;

(ଟ) "**ସାର୍ବଜନୀନ ପରୀକ୍ଷା**" ଅର୍ଥ ସାର୍ବଜନୀନ ପରୀକ୍ଷା ପ୍ରାଧିକାରୀଙ୍କ ଦ୍ୱାରା ସଞ୍ଚାଳିତ କିମ୍ବା ରାଜ୍ୟ ସରକାରଙ୍କ ଦ୍ୱାରା ଅଧିସୂଚିତ ହେବା ପ୍ରକାରେ ସେପରି ଅନ୍ୟ କୌଣସି ପ୍ରାଧିକାରୀଙ୍କଦ୍ୱାରା ସଞ୍ଚାଳିତ କୌଣସି ପରୀକ୍ଷା ;

(ଠ)"**ସାର୍ବଜନୀନ ପରୀକ୍ଷା ପ୍ରାଧିକରଣ**" ଅର୍ଥ ଓଡ଼ିଶା ଲୋକସେବା ଆୟୋଗ, ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ, ଓଡ଼ିଶା କର୍ମଚାରୀ ଚୟନ ଆୟୋଗ, ସେବା ଚୟନ ବୋର୍ଡ, ଓଡ଼ିଶା ପୋଲିସ ଚୟନ ବୋର୍ଡ, ଓଡ଼ିଶା ଶିକ୍ଷା (ରାଜ୍ୟ ପାଇଁ ପ୍ରବରଣ ମଣ୍ଡଳୀ) ନିୟମାବଳୀ, 1992 ଅନୁଯାୟୀ ଗଠିତ ରାଜ୍ୟ ପ୍ରବରଣ ମଣ୍ଡଳୀ, ଓଡ଼ିଶା ବୃତ୍ତିଗତ ଶିକ୍ଷା ପ୍ରତିଷ୍ଠାନ (ନାମଲେଖା ନିୟନ୍ତ୍ରଣ ଏବଂ ଫି ନିର୍ଦ୍ଧାରଣ) ଅଧିନିୟମ, 2007 ଦ୍ୱାରା ନିୟନ୍ତ୍ରିତ ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା, କର୍ମଚାରୀ ନିଯୁକ୍ତି ନିମନ୍ତେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଏବଂ ସେମାନଙ୍କ ସଂପୃକ୍ତ ଓ ଅଧୀନସ୍ଥ କାର୍ଯ୍ୟାଳୟ, ରାଜ୍ୟ ସରକାରଙ୍କ ଦ୍ୱାରା ନିୟୋଜିତ କିମ୍ବା ଗଠିତ ଚୟନ ଏଜେନ୍ସି / କମିଟି ଏବଂ ସାର୍ବଜନୀନ ପରୀକ୍ଷା ସଞ୍ଚାଳନ ନିମନ୍ତେ ସମୟକୁ ସମୟ ରାଜ୍ୟ ସରକାରଙ୍କଦ୍ୱାରା ଅଧିସୂଚିତ ହେବା ପ୍ରକାରେ ସେପରି ଅନ୍ୟ ସମସ୍ତ ପ୍ରାଧିକାରୀ ବା ଅନୁସୂଚୀରେ ବିନିର୍ଦ୍ଦିଷ୍ଟ ହୋଇଥିବା କୌଣସି ପ୍ରାଧିକରଣ ;

(ଡ) "**ସାର୍ବଜନୀନ ପରୀକ୍ଷା କେନ୍ଦ୍ର**" ଅର୍ଥ ସେହି ପରିସର, ଯାହା ସେବା ଯୋଗାଣକାରୀଦ୍ୱାରା ବା ଅନ୍ୟଥା ସାର୍ବଜନୀନ ପରୀକ୍ଷା ପ୍ରାଧିକାରୀଙ୍କ ଦ୍ୱାରା ସାର୍ବଜନୀନ ପରୀକ୍ଷା ସଞ୍ଚାଳନ ପାଇଁ ବ୍ୟବହୃତ ହେବା ନିମନ୍ତେ ଚୟନ କରାଯାଇଥାଏ ଏବଂ ଯେଉଁଥିରେ ଅନ୍ୟାନ୍ୟ ବିଷୟ ମଧ୍ୟରେ କୌଣସି ବିଦ୍ୟାଳୟ, କମ୍ପ୍ୟୁଟର ସେଣ୍ଟର, ଅନୁଷ୍ଠାନ, କୌଣସି କୋଠା କିମ୍ବା ଏହାର କିଛି ଅଂଶ ଅନ୍ତର୍ଭୁକ୍ତ ହୋଇପାରେ ଏବଂ ଏଥିରେ ତାହାର ସମଗ୍ର ପରିଧି ଏବଂ ସଂଲଗ୍ନ ଜମି ଅନ୍ତର୍ଭୁକ୍ତ ହେବ ଯେଉଁଥିରେ ସୁରକ୍ଷା ଏବଂ ସାର୍ବଜନୀନ ପରୀକ୍ଷା ସଞ୍ଚାଳନା ପାଇଁ ଅନ୍ୟାନ୍ୟ ଆନୁଷଙ୍ଗିକ କାରଣ ପାଇଁ ବ୍ୟବହୃତ ହୋଇପାରିବ;

(ଢ) "**ସେବା ଯୋଗାଣକାରୀ**" ଅର୍ଥ କୌଣସି ଏଜେନ୍ସି ସଂଗଠନ, ସଂସ୍ଥା, ବ୍ୟକ୍ତି ସଂଘ, ବ୍ୟବସାୟିକ ସଂସ୍ଥା, କମ୍ପାନୀ, ଭାଗିଦାରୀ କିମ୍ବା ଏକକ ମାଲିକାନା ସଂସ୍ଥା, ଯେଉଁଥିରେ ଏହାର ସହଯୋଗୀ, ଉପ-ଠିକାଦାର ଏବଂ କୌଣସି କମ୍ପ୍ୟୁଟର ସମ୍ବଳ କିମ୍ବା କୌଣସି ସାମଗ୍ରୀର ସମର୍ଥନ ପ୍ରଦାନକାରୀ, ଯାହାକୁ ସର୍ବସାଧାରଣ ପରୀକ୍ଷା ପରିଚାଳନା ପାଇଁ ସାଧାରଣ ପରୀକ୍ଷା ପ୍ରାଧିକାରୀ ନିୟୋଜିତ କରନ୍ତି; ଏବଂ

(ଣ) "**ଅନୁସୂଚୀ**" ର ଅର୍ଥ ଏହି ଅଧିନିୟମ ସହିତ ସଂଲଗ୍ନ ହୋଇଥିବା ଅନୁସୂଚୀ।

(2) ଏଥିରେ ଯେଉଁ ଶବ୍ଦ ଓ ଅଭିବ୍ୟକ୍ତିଗୁଡିକ ବ୍ୟବହୃତ ହୋଇଛି କିନ୍ତୁ ସଂଜ୍ଞା କରାଯାଇନାହିଁ ଏବଂ ତତ ସମୟେ ବଳବତ୍ତର ଥିବା ଅନ୍ୟକୌଣସି ବିଧିରେ ସଂଜ୍ଞା କରାଯାଇଅଛି, ସେଗୁଡିକର ସେହି ସମାନ ଅର୍ଥ ହେବ, ଯାହା ସେହି ଅନ୍ୟ ବିଧିଗୁଡ଼ିକରେ ରହିଛି ।

## ଅଧ୍ୟାୟ-III

## ଅନୁଚିତ ସାଧନ ଏବଂ ଅପରାଧ

ଅନୁଚିତ ସାଧନ ।

3. ସାର୍ବଜନୀନ ପରୀକ୍ଷା ସଞ୍ଚାଳନ ସମ୍ବନ୍ଧୀୟ ଅନୁଚିତ ସାଧନରେ କୌଣସି ବ୍ୟକ୍ତି କିମ୍ବା ବ୍ୟକ୍ତି ମାନଙ୍କର ଏକ ସମୂହ କିମ୍ବା ଅନୁଷ୍ଠାନ ଦ୍ୱାରା କରାଯାଇଥିବା କିମ୍ବା ଘଟାଯାଇଥିବା କୌଣସି କାର୍ଯ୍ୟ କିମ୍ବା ତ୍ରୁଟି ଅନ୍ତର୍ଭୁକ୍ତ ହେବ ଏବଂ ଆର୍ଥିକ କିମ୍ବା ଅନୁଚିତ ଲାଭ ପାଇଁ ନିମ୍ନଲିଖିତ କୌଣସି କାର୍ଯ୍ୟକୁ ଅନ୍ତର୍ଭୁକ୍ତ କରାଯିବ କିନ୍ତୁ ସୀମିତ ରଖାଯିବ ନାହିଁ ।

(କ) ପ୍ରଶ୍ନପତ୍ର କିମ୍ବା ଉତ୍ତର କୀ କିମ୍ବା ଏହାର କିଛି ଅଂଶ ପ୍ରକଟ କରିବା;

(ଖ) ପ୍ରଶ୍ନପତ୍ର କିମ୍ବା ଉତ୍ତର କୀ ପ୍ରକଟକୁ ପ୍ରଭାବିତ କରିବା ପାଇଁ ଅନ୍ୟମାନଙ୍କ ସହ ଚକ୍ରାନ୍ତ କରି ଅଂଶଗ୍ରହଣ କରିବା;

(ଗ) ବିନା ଅଧିକାରରେ ପ୍ରଶ୍ନପତ୍ର କିମ୍ବା ଅପ୍ଟିକାଲ ମାର୍କ ରିକଗ୍ନିସନ୍ ରେସପନ୍ସ ସିଟ୍ କୁ ଆକସେସ୍ କରିବା କିମ୍ବା ନିଜ ଅକ୍ତିଆରରେ ନେବା;

(ଘ) ସାର୍ବଜନୀନ ପରୀକ୍ଷା ସମୟରେ କୌଣସି ଅପ୍ରାଧୀକୃତ ବ୍ୟକ୍ତିଙ୍କ ଦ୍ୱାରା ଏକ କିମ୍ବା ଏକାଧିକ ପ୍ରଶ୍ନର ସମାଧାନ ପ୍ରଦାନ କରିବା;

(ଙ) ସାର୍ବଜନୀନ ପରୀକ୍ଷାରେ ପ୍ରାର୍ଥୀଙ୍କୁ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ କୌଣସି ପ୍ରକାର ସହାୟତା କରିବା;

(ଚ) ଅପ୍ଟିକାଲ ମାର୍କ ରିକଗ୍ନିସନ୍ ରେସପନ୍ସ ସିଟ୍ ରେ ହେର୍ ଫେର୍ କରିବା;

(ଛ) କୌଣସି ପ୍ରାଧିକାର ବିନା ଏକ ପ୍ରକୃତ ତ୍ରୁଟିକୁ ସଂଶୋଧନ କରିବା ବ୍ୟତୀତ ମୂଲ୍ୟାୟନକୁ ପରିବର୍ତ୍ତନ କରିବା;

(ଜ) ନିଜେ କିମ୍ବା ନିଜ ଏଜେନ୍ସି ମାଧମରେ ସାର୍ବଜନୀନ ପରୀକ୍ଷା ସଞ୍ଚାଳନ ପାଇଁ ରାଜ୍ୟ ସରକାର ଧାର୍ଯ୍ୟ କରିଥିବା ନିୟମ କିମ୍ବା ମାନଦଣ୍ଡର ଇଚ୍ଛାକୃତ ଉଲ୍ଲଂଘନ କରିବା;

(ଝ) ସାର୍ବଜନୀନ ପରୀକ୍ଷାରେ ପ୍ରାର୍ଥୀଙ୍କ ସଂକ୍ଷିପ୍ତ ତାଲିକା ପ୍ରସ୍ତୁତ କରିବା କିମ୍ବା ପ୍ରାର୍ଥୀଙ୍କ ମେରିଟ୍ ବା ରାଙ୍କ ଚୂଡ଼ାନ୍ତ କରିବା ପାଇଁ ଆବଶ୍ୟକ କୌଣସି ଦସ୍ତାବିଜରେ ହେର୍ ଫେର୍ କରିବା;

(ଞ) ସାର୍ବଜନୀନ ପରୀକ୍ଷା ସଞ୍ଚାଳନରେ ଅନୁଚିତ୍ ସାଧନ ଅବଲମ୍ବନ କରିବାକୁ ସୁବିଧା ଯୋଗାଇଦେବା ପାଇଁ ସୁରକ୍ଷା ବ୍ୟବସ୍ଥାର ଉଦ୍ଦେଶ୍ୟମୂଳକ ଉଲ୍ଲଂଘନ କରିବା ;

(ଟ) କମ୍ପ୍ୟୁଟର ନେଟୱାର୍କ କିମ୍ବା କମ୍ପ୍ୟୁଟର ସମ୍ବଳ କିମ୍ବା କମ୍ପ୍ୟୁଟର ସିଷ୍ଟମ ସହିତ ହେରଫେର କରିବା ;

(ଠ) ପରୀକ୍ଷାରେ ଅନୁଚିତ୍ ସାଧନ ଅବଲମ୍ବନ କରିବାକୁ ସୁବିଧା ଯୋଗାଇଦେବା ପାଇଁ ପରୀକ୍ଷାର୍ଥୀମାନଙ୍କ ବସିବା ବ୍ୟବସ୍ଥା, ତାରିଖ ଆବଣ୍ଟନ ଓ ଶିଫ୍ଟରେ ହେରଫେର କରିବା ;

(ଡ) ସାର୍ବଜନୀନ ପରୀକ୍ଷା ପ୍ରାଧିକାରୀ କିମ୍ବା ସେବା ଯୋଗାଣକାରୀ କିମ୍ବା ସରକାରଙ୍କ କୌଣସି ପ୍ରାଧିକୃତ ଏଜେନ୍ସି ସହିତ ଜଡ଼ିତ ବ୍ୟକ୍ତିବିଶେଷଙ୍କ ଜୀବନ, ସ୍ୱାଧୀନତା ପ୍ରତି ଧମକ ଦେବା କିମ୍ବା ଦୋଷାବହ ଭାବରେ ରୋକିବା; କିମ୍ବା ସାର୍ବଜନୀନ ପରୀକ୍ଷା ସଞ୍ଚାଳନରେ ବାଧା ସୃଷ୍ଟି କରିବା ;

(ଢ) ଠକେଇ କିମ୍ବା ଆର୍ଥିକ ଫାଇଦା ପାଇଁ ନକଲି ୱେବସାଇଟ୍ ସୃଷ୍ଟି କରିବା ; ଏବଂ

(ଣ) ଆର୍ଥିକ ଲାଭ ପାଇଁ ଠକିବା ବା ନକଲି ପରୀକ୍ଷା କରିବା, ନକଲି ଆଡମିଟ୍ କାର୍ଡ ଜାରି କରିବା କିମ୍ବା ନକଲି ପତ୍ର ପ୍ରଦାନ କରିବା ।

ଅନୁଚିତ ସାଧନ ପାଇଁ ଷଡ଼ଯନ୍ତ୍ର ।

4. କୌଣସି ବ୍ୟକ୍ତି କିମ୍ବା ବ୍ୟକ୍ତିମାନଙ୍କ ସମୂହ କିମ୍ବା ଅନୁଷ୍ଠାନ ଏଭଳି କୌଣସି ଅନୁଚିତ ସାଧନାରେ ଲିପ୍ତ ରହିବାକୁ ସୁବିଧାଜନକ କରିବା ପାଇଁ ଦୁରଭିସନ୍ଧି ବା ଷଡ଼ଯନ୍ତ୍ର କରିପାରିବେ ନାହିଁ ।

ସାର୍ବଜନୀନ ପରୀକ୍ଷା ପରିଚାଳନାରେ ବ୍ୟାଘାତ ସୃଷ୍ଟି

5. (1) ସାର୍ବଜନୀନ ପରୀକ୍ଷା କିମ୍ବା ସାର୍ବଜନୀନ ପରୀକ୍ଷା ସଞ୍ଚାଳନ ସମ୍ବନ୍ଧୀୟ କାର୍ଯ୍ୟରେ ନ୍ୟସ୍ତ ହୋଇନଥିବା ବା ନିୟୋଜିତ ନଥିବା କିମ୍ବା ପ୍ରାର୍ଥୀ ନଥିବା କୌଣସି ବ୍ୟକ୍ତି ସାର୍ବଜନୀନ ପରୀକ୍ଷା ପରିଚାଳନାରେ ବ୍ୟାଘାତ ସୃଷ୍ଟି କରିବା ଉଦ୍ଦେଶ୍ୟରେ ପରୀକ୍ଷା କେନ୍ଦ୍ର ପରିସରରେ ପ୍ରବେଶ କରିପାରିବେ ନାହିଁ ।

(2) ପ୍ରଶ୍ନ ପତ୍ର ଖୋଲିବା ଏବଂ ବଣ୍ଟନ ପାଇଁ ନିର୍ଦ୍ଧାରିତ ସମୟ ପୂର୍ବରୁ ସାର୍ବଜନୀନ ପରୀକ୍ଷା ସଞ୍ଚାଳନ ଦାୟିତ୍ୱରେ ପ୍ରାଧିକୃତ, ନିଯୁକ୍ତ କିମ୍ବା ନ୍ୟସ୍ତ ଥିବା କୌଣସି ବ୍ୟକ୍ତି

(କ) ଆର୍ଥିକ କିମ୍ବା ଦୋଷାବହ ଲାଭ ପାଇଁ ଏଭଳି ପ୍ରଶ୍ନପତ୍ର କିମ୍ବା ଏହାର କୌଣସି ଅଂଶ ବା ନକଲକୁ ଅପ୍ରାଧିକୃତ ଉପାୟରେ ସମାଧାନ କରିବା ପାଇଁ ଖୋଲିବେ ନାହିଁ, ପ୍ରକଟ କରିବେ ନାହିଁ ବା ରଖିବେ ନାହିଁ ବା ଆକସେସ୍ କିମ୍ବା ସହାୟତା ଲୋଡିବେ ନାହିଁ ;

(ଖ) କୌଣସି ବ୍ୟକ୍ତିଙ୍କୁ କୌଣସି ଗୋପନୀୟ ସୂଚନା ଦେବେ ନାହିଁ କିମ୍ବା ସେପରି ଗୋପନୀୟ ସୂଚନା ଦେବା ପାଇଁ ବଚନ ଦେବେ ନାହିଁ, ଯେଉଁଠାରେ ଏପରି ଗୋପନୀୟ ସୂଚନା ଆର୍ଥିକ କିମ୍ବା ଦୋଷାବହ ଲାଭ ପାଇଁ ସେହି ପ୍ରଶ୍ନପତ୍ର ସହିତ ସମ୍ପୃକ୍ତ କିମ୍ବା ସମ୍ବନ୍ଧିତ ଅଟେ ।

(3) ଯେଉଁ ବ୍ୟକ୍ତି ସାର୍ବଜନୀନ ପରୀକ୍ଷା ସମ୍ବନ୍ଧୀୟ କୌଣସି କାର୍ଯ୍ୟରେ ନ୍ୟସ୍ତ ବା ନିୟୋଜିତ ହୋଇଥାନ୍ତି, ସେ ଯେଉଁ ସ୍ଥଳେ ତାଙ୍କ କର୍ତ୍ତବ୍ୟ ନିର୍ବାହ କ୍ରମରେ ସେପରି କରିବାକୁ ପ୍ରାଧିକୃତ ହୋଇଥାନ୍ତି ତାହା ବ୍ୟତୀତ ଅନ୍ୟ କୌଣସି ସ୍ଥଳେ ତାଙ୍କ ଜ୍ଞାନକୁ ଆସିଥିବା କୌଣସି ସୂଚନା ବା

ତାହାର କୌଣସି ଅଂଶକୁ କୌଣସି ଅନୁଚିତ ସୁବିଧା ବା ଦୋଷାବହ ଲାଭ ନିମନ୍ତେ ପ୍ରକଟ କରିବେ ନାହିଁ କି ପ୍ରକଟ କରାଇବେ ନାହିଁ ବା ଅନ୍ୟ କୌଣସି ବ୍ୟକ୍ତିଙ୍କୁ ଜଣାଇବେ ନାହିଁ ।

**ପେପର୍ ସେଟର୍ ର କର୍ତ୍ତବ୍ୟ**

6. କୌଣସି ପରୀକ୍ଷା ପାଇଁ ପେପର ସେଟର ଭାବେ ନିଯୁକ୍ତ ହୋଇଥିବା କୌଣସି ବ୍ୟକ୍ତି ତାଙ୍କ ଦ୍ୱାରା ଅଙ୍କାଯାଇଥିବା ପ୍ରଶ୍ନପତ୍ର କିମ୍ବା ତାହାର ନକଲ ଯୋଗାଣ କରିବେ ନାହିଁ କିମ୍ବା ଯୋଗାଣ କରାଇବେ ନାହିଁ କିମ୍ବା ସେହି ପ୍ରଶ୍ନପତ୍ରର ବିଷୟବସ୍ତୁ କୌଣସି ବ୍ୟକ୍ତିଙ୍କୁ ଜଣାଇବେ ନାହିଁ କିମ୍ବା ଏ ବାବଦରେ ତାଙ୍କ ନିଯୁକ୍ତିଦାତା ସାର୍ବଜନୀନ ପରୀକ୍ଷା ପ୍ରାଧିକାରୀଙ୍କ ଦ୍ୱାରା ଲିଖିତ ଭାବେ ତାଙ୍କୁ ଦିଆଯାଇଥିବା ନିର୍ଦ୍ଦେଶାବଳୀ ବ୍ୟତୀତ ଅନ୍ୟ କୌଣସି ଉପାୟରେ ପ୍ରଚାର କରିବେ ନାହିଁ ।

**ଅନ୍ୟାନ୍ୟ ଅପରାଧ**

7. ଯଦି କୋଣସି ବ୍ୟକ୍ତି ବା ବ୍ୟକ୍ତିମାନଙ୍କ ସମୂହ ବା ଅନୁଷ୍ଠାନ ଧାରା 3,4, 5 ଓ ଧାରା 6 ଅନୁଯାୟୀ କୌଣସି ଅନୁଚିତ ସାଧନ କରନ୍ତି, ତେବେ ସାର୍ବଜନୀନ ପରୀକ୍ଷା ପ୍ରାଧିକାରୀ ବା ସେବା ଯୋଗାଣକାରୀ ତୁରନ୍ତ ତାହା ସମ୍ପୃକ୍ତ ପୋଲିସ ପ୍ରାଧିକାରୀଙ୍କୁ ରିପୋର୍ଟ କରିବେ ଏବଂ ଯଦି ସେବା ଯୋଗାଣକାରୀ ଅପରାଧ ସମ୍ପର୍କରେ ପୋଲିସ ପ୍ରାଧିକାରୀଙ୍କୁ ରିପୋର୍ଟ କରନ୍ତି, ତେବେ ସେ ସମ୍ପର୍କରେ ସାର୍ବଜନୀନ ପରୀକ୍ଷା ପ୍ରାଧିକାରୀଙ୍କୁ ମଧ୍ୟ ଜଣାଇବେ :

ପରନ୍ତୁ ଯଦି ସେବା ଯୋଗାଣକାରୀ ଅନୁଚିତ ସାଧନ ଅବଲମ୍ବନ କରେ ଓ ଅପରାଧ କରେ ବା ଅପରାଧକୁ ସୁବିଧା କରିବାରେ ଜଡିତ ଥାଏ, ତେବେ ସାର୍ବଜନୀନ ପରୀକ୍ଷା ପ୍ରାଧିକାରୀ ସମ୍ପୃକ୍ତ ପୋଲିସ ପ୍ରାଧିକାରୀଙ୍କୁ ତାହା ରିପୋର୍ଟ କରିବେ ।

**ସାର୍ବଜନୀନ ପରୀକ୍ଷା ପାଇଁ ପରୀକ୍ଷା କେନ୍ଦ୍ର ବ୍ୟତୀତ ଅନ୍ୟ କୌଣସି ପରିସର ବ୍ୟବହାର କରାଯିବ ନାହିଁ**

8. ସାର୍ବଜନୀନ ପରୀକ୍ଷା ପ୍ରାଧିକାରୀଙ୍କ ଲିଖିତ ଅନୁମୋଦନ ବିନା ସାର୍ବଜନୀନ ପରୀକ୍ଷା ପ୍ରାଧିକାରୀଙ୍କ ଦ୍ୱାରା ପ୍ରାଧିକୃତ ପରୀକ୍ଷା କେନ୍ଦ୍ର ବ୍ୟତୀତ ଅନ୍ୟ କୌଣସି ପରିସରକୁ ବିକଳ୍ପ ଭାବରେ ସାର୍ବଜନୀନ ପରୀକ୍ଷା ଆୟୋଜନ ଉଦ୍ଦେଶ୍ୟରେ ବ୍ୟବହୃତ କରିବା ସେବା ଯୋଗାଣକାରୀ କିମ୍ବା ସେବା ଯୋଗାଣକାରୀସହିତ ଜଡ଼ିତ କୌଣସି ବ୍ୟକ୍ତିଙ୍କ ପାଇଁ ଏକ ଅପରାଧ ହେବ :

ପରନ୍ତୁ ଏହି ଧାରାରେ ଥିବା କୌଣସି ଜିନିଷ ଏକ ଅପରାଧ ହେବ ନାହିଁ ଯେଉଁଠାରେ ସାର୍ବଜନୀନ ପରୀକ୍ଷା ପ୍ରାଧିକାରୀଙ୍କ ପୂର୍ବ ସମ୍ମତି ବିନା ପରୀକ୍ଷା କେନ୍ଦ୍ରରେ କୌଣସି ପରିବର୍ତ୍ତନ କୌଣସି ଅପ୍ରତ୍ୟାଶିତ ପରିସ୍ଥିତି ଉପୁଜିବା କାରଣରୁ ହୋଇଥାଏ ।

**ଅପରାଧ ନିମନ୍ତେ ଦଣ୍ଡ**

9. (1) ସେବା ଯୋଗାଣକାରୀଙ୍କ ସହ ଜଡ଼ିତ ବ୍ୟକ୍ତିଙ୍କ ସମେତ ଯେ କୌଣସି ବ୍ୟକ୍ତି ବ୍ୟକ୍ତିଗତ ଭାବରେ କିମ୍ବା ଅନ୍ୟ କୌଣସି ବ୍ୟକ୍ତି ବା ବ୍ୟକ୍ତିମାନଙ୍କ ସମୂହ କିମ୍ବା ଅନୁଷ୍ଠାନ ସହ ମିଶି ଯଦି କୌଣସି ବ୍ୟକ୍ତି କିମ୍ବା ବ୍ୟକ୍ତିମାନଙ୍କ ସମୂହ କିମ୍ବା ଅନୁଷ୍ଠାନକୁ ସାର୍ବଜନୀନ ପରୀକ୍ଷା ସଂଚାଳନାରେ ଅପ୍ରାଧିକୃତ ଭାବେ କୌଣସି ପ୍ରକାର ସାହାଯ୍ୟ କରନ୍ତି ତେବେ ସେ ଅପରାଧ କରିଛନ୍ତି ବୋଲି ବିବେଚନା କରାଯିବ ।

(2) ସେବା ପ୍ରଦାନକାରୀ କିମ୍ବା ଏହା ସହିତ ଜଡ଼ିତ କୌଣସି ବ୍ୟକ୍ତି ଯଦି କୌଣସି ଅନୁଚିତ ଉପାୟ କିମ୍ବା କୌଣସି ଅପରାଧ ଘଟାଯାଇଥିବା ବିଷୟରେ ରିପୋର୍ଟ କରିବାରେ ବିଫଳ ହୁଅନ୍ତି ତେବେ ସେ ଅପରାଧ କରିଛନ୍ତି ବୋଲି ବିବେଚନା କରାଯିବ ।

(3) ଯଦି କୌଣସି ସେବା ପ୍ରଦାନକାରୀଙ୍କ ଦ୍ୱାରା କରାଯାଇଥିବା ଅପରାଧ ପ୍ରାଥମିକ ଦୃଷ୍ଟିରୁ ଅନୁସନ୍ଧାନ ସମୟରେ କୌଣସି ନିର୍ଦ୍ଦେଶକ, ପରିଚାଳକ, ସଚିବ କିମ୍ବା ସେହି ସେବା ପ୍ରଦାନକାରୀର ଅନ୍ୟ ଅଧିକାରୀଙ୍କ ସହମତି କିମ୍ବା ସହଯୋଗରେ

ହୋଇଥିବା ପ୍ରମାଣିତ ହୁଏ, ତେବେ ସେହି ବ୍ୟକ୍ତିଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ:

ପରନ୍ତୁ ଏହି ଉପଧାରାରେ ଥିବା କୌଣସି ବିଷୟ ସେପରି କୌଣସି ବ୍ୟକ୍ତିଙ୍କୁ ଏହି ଅଧିନିୟମ ଅନୁଯାୟୀ ଦଣ୍ଡିତ କରିବା ପାଇଁ ଦାୟୀ କରିବ ନାହିଁ, ଯଦି ସେ ପ୍ରମାଣ କରନ୍ତି ଯେ ଏହି ଅପରାଧ ତାଙ୍କ ଅଜାଣତରେ କରାଯାଇଛି ଏବଂ ସେ ଏଭଳି ଅପରାଧକୁ ରୋକିବା ପାଇଁ ସମସ୍ତ ସତର୍କତା ଅବଲମ୍ବନ କରିଥିଲେ ।

## ଅଧ୍ୟାୟ-IV

## ଅପରାଧ ପାଇଁ ଦଣ୍ଡବିଧାନ

ସଂଜ୍ଞେୟ ଅପରାଧ

10. ଏହି ଅଧିନିୟମ ଅଧୀନରେ ସମସ୍ତ ଅପରାଧ, ସଂଜ୍ଞେୟ, ଜାମିନ ବିହୀନ ଏବଂ ରଫା ଅଯୋଗ୍ୟ (non- compoundable) ହେବ ।

ଏହି ଅଧିନିୟମ ଅଧୀନରେ ଅପରାଧ ପାଇଁ ଦଣ୍ଡ ।

11. (1) ଯଦି କୌଣସି ବ୍ୟକ୍ତି ବା ବ୍ୟକ୍ତିମାନେ ଏହି ଅଧିନିୟମ ଅଧୀନରେ ଅନୁଚିତ ସାଧନ ଏବଂ ଅପରାଧ ଅବଲମ୍ବନ କରନ୍ତି, ତେବେ ସେ ଅତି କମରେ ତିନି ବର୍ଷ ଠାରୁ ଆରମ୍ଭ କରି ପାଞ୍ଚ ବର୍ଷ ପର୍ଯ୍ୟନ୍ତ କାରାବାସ ଏବଂ ଦଶ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡିତ ହେବେ । ଜୋରିମାନା ପ୍ରଦାନରେ ଖିଲାପ କଲେ ଭାରତୀୟ ନ୍ୟାୟ ସଂହିତା, 2023ର ବ୍ୟବସ୍ଥା ଅନୁସାରେ ଅତିରିକ୍ତ କାରାବାସରେ ଦଣ୍ଡିତ କରାଯିବ। 2023 ର 45 .

(2) ସେବା ଯୋଗାଣକାରୀ ମଧ୍ୟ ଏକ କୋଟି ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡିତ ହେବାକୁ ଦାୟୀ ରହିବେ ଏବଂ ସେହି ସେବା ଯୋଗାଣକାରୀଙ୍କଠାରୁ ଆନୁପାତିକ ପରୀକ୍ଷା ଖର୍ଚ୍ଚ ମଧ୍ୟ ଆଦାୟ କରାଯିବ ଏବଂ ତାଙ୍କୁ ଚାରି ବର୍ଷ ପର୍ଯ୍ୟନ୍ତ କୌଣସି ସାର୍ବଜନୀନ ପରୀକ୍ଷା ସଂଚାଳନ ପାଇଁ କୌଣସି ଦାୟିତ୍ୱ ପ୍ରଦାନ କରିବାରୁ ମଧ୍ୟ ପ୍ରତିବନ୍ଧିତ କରାଯିବ ।

(3) ଯଦି ଅନୁସନ୍ଧାନ ସମୟରେ ଏହା ପ୍ରମାଣିତ ହୁଏ ଯେ ଏହି ଅଧିନିୟମ ଅଧୀନରେ କୌଣସି ନିର୍ଦ୍ଦେଶକ, ବରିଷ୍ଠ ପରିଚାଳନା କିମ୍ବା ସେବା ଯୋଗାଣକାରୀ ସଂସ୍ଥାର ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କ ସହମତି କିମ୍ବା ସହଯୋଗରେ ଅପରାଧ ଘଟିଛି, ତେବେ ସେ ଅତି କମରେ ତିନିବର୍ଷ ଠାରୁ ଆରମ୍ଭକରି ଦଶବର୍ଷ ପର୍ଯ୍ୟନ୍ତ କାରାବାସ ଏବଂ ଏକ କୋଟି ଟଙ୍କା ଜୋରିମାନାରେ ଦଣ୍ଡିତ ହେବାକୁ ଦାୟୀ ରହିବେ । ଜୋରିମାନା ପୈଠରେ ଖିଲାପ କଲେ ଭାରତୀୟ ନ୍ୟାୟ ସଂହିତା, 2023 ର ବ୍ୟବସ୍ଥା ଅନୁଯାୟୀ ଅତିରିକ୍ତ କାରାବାସରେ ଦଣ୍ଡିତ କରାଯିବ: 2023 ର 45 .

(4) ଏହି ଧାରାରେ ଥିବା କୌଣସି ବିଷୟ ସେପରି କୌଣସି ବ୍ୟକ୍ତିଙ୍କୁ ଏହି ଅଧିନିୟମ ଅନୁଯାୟୀ କୌଣସି ଦଣ୍ଡ ପାଇଁ ଦାୟୀ କରିବ ନାହିଁ, ଯଦି ସେ ପ୍ରମାଣ କରନ୍ତି ଯେ ସେହି ଅପରାଧ ତାଙ୍କ ଅଜାଣତରେ କରାଯାଇଥିଲା ଏବଂ ସେ ଏଭଳି ଅପରାଧକୁ ରୋକିବା ପାଇଁ ସମସ୍ତ ପ୍ରକାର ସତର୍କତା ଅବଲମ୍ବନ କରିଥିଲେ ।

ସଂଗଠିତ ଅପରାଧ।

12. (1) ଯଦି କୌଣସି ବ୍ୟକ୍ତି ବା ବ୍ୟକ୍ତିମାନଙ୍କ ସମୂହ ତଥା ପରୀକ୍ଷା ପ୍ରାଧିକାରୀ କିମ୍ବା ସେବା ଯୋଗାଣକାରୀ କିମ୍ବା ଅନ୍ୟ କୌଣସି ଅନୁଷ୍ଠାନ କୌଣସି ସଂଗଠିତ ଅପରାଧ କରନ୍ତି, ତେବେ ସେ ଅତି କମରେ ପାଞ୍ଚବର୍ଷ ଠାରୁ ଆରମ୍ଭ କରି ଦଶବର୍ଷ ପର୍ଯ୍ୟନ୍ତ କାରାବାସ ଏବଂ ଅନ୍ୟୂନ ଏକ କୋଟି ଟଙ୍କା ଜୋରିମାନାରେ ଦଣ୍ଡିତ ହେବେ । ଜୋରିମାନା ପୈଠ ରେ ଖିଲାପ କଲେ ଭାରତୀୟ ନ୍ୟାୟ ସଂହିତା, 2023 ର ବ୍ୟବସ୍ଥା ଅନୁଯାୟୀ ଅତିରିକ୍ତ 2023 ର 45 .

କାରାବାସରେ ଦଣ୍ଡିତ କରାଯିବ:

(2) ଯଦି କୌଣସି ଅନୁଷ୍ଠାନ ସଂଗଠିତ ଅପରାଧ କରିବାରେ ସମ୍ପୃକ୍ତ ଥିବ, ତା'ହେଲେ ତା'ର ସମ୍ପତ୍ତି ଜବତ କରାଯିବ ଓ ବାଜ୍ୟାପ୍ତ କରାଯିବ ଏବଂ ସେଥିରୁ ଆନୁପାତିକ ପରୀକ୍ଷା ଖର୍ଚ୍ଚ ମଧ୍ୟ ଆଦାୟ କରାଯିବ।

## ଅଧ୍ୟାୟ- V

## ତଦନ୍ତ ଓ ଅନୁସନ୍ଧାନ

ଅନୁସନ୍ଧାନ ପାଇଁ କ୍ଷମତାପ୍ରାପ୍ତ ଅଧିକାରୀ

13. (1) ପୋଲିସ ଉପ ଅଧୀକ୍ଷକ କିମ୍ବା ପୋଲିସ ଉପ କମିଶନର ପାହ୍ୟାରୁ କମ୍ ହୋଇ ନଥିବା ଜଣେ ଅଧିକାରୀ ଏହି ଅଧିନିୟମ ଅଧୀନରେ ଯେକୌଣସି ଅପରାଧର ଅନୁସନ୍ଧାନ କରିବେ।

(2) ଉପଧାରା (1) ରେ ଥିବା ବ୍ୟବସ୍ଥା ସତ୍ତ୍ୱେ ରାଜ୍ୟ ସରକାରଙ୍କ ପାଖରେ ଅନୁସନ୍ଧାନକୁ ଯେ କୌଣସି ରାଜ୍ୟ ଅନୁସନ୍ଧାନକାରୀ ସଂସ୍ଥାକୁ ପଠାଇବାର କ୍ଷମତା ରହିବ।

## ଅଧ୍ୟାୟ-VI

## ବିବିଧ

ନିଯୁକ୍ତି ସଂଗ୍ରହ ସଂସ୍ଥାର ସଦସ୍ୟ, ଅଧିକାରୀ ଓ କର୍ମଚାରୀମାନେ [ସରକାରୀ କର୍ମଚାରୀ] ହେବେ।

14. ସାର୍ବଜନୀନ ପରୀକ୍ଷା ପ୍ରାଧିକରଣର ଅଧ୍ୟକ୍ଷ, ସଭ୍ୟ, ଅଧିକାରୀ ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ଏହି ଅଧିନିୟମର କୌଣସି ବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟ କରିବା କିମ୍ବା କାର୍ଯ୍ୟ କରିବାକୁ ବିବେଚିତ ହେଉଥିବା ସମୟରେ ଭାରତୀୟ ନ୍ୟାୟ ସଂହିତା, 2023 ର ଅର୍ଥ ଅନୁଯାୟୀ ସରକାରୀ କର୍ମଚାରୀ ଭାବରେ ବିବେଚିତ ହେବେ।

ଯେକୌଣସି ସରକାରୀ କର୍ମଚାରୀଙ୍କ ଦ୍ୱାରା ସଦ୍ ବିଶ୍ୱାସରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନର ସୁରକ୍ଷା।

15. କୌଣସି ସରକାରୀ କର୍ମଚାରୀ ତାଙ୍କ ସରକାରୀ କୃତ୍ୟର ନିର୍ବାହ ବା କ୍ଷମତାର ପ୍ରୟୋଗ କରିବା ସମୟରେ ସଦବିଶ୍ୱାସରେ କରିଥିବା ବା କରିବା ପାଇଁ ଉଦ୍ଦିଷ୍ଟ ଥିବା କୌଣସି କାର୍ଯ୍ୟ ସମ୍ପର୍କରେ ତାଙ୍କ ବିରୁଦ୍ଧରେ ଏହି ଅଧିନିୟମ ଅନୁଯାୟୀ କୌଣସି ମକଦ୍ଦମା ଅଭିଯୋଜନ ବା ଅନ୍ୟ ବିଧିକ କାର୍ଯ୍ୟବିଧି ଦାଏର କରାଯିବ ନାହିଁ:

ପରନ୍ତୁ ଯେକୌଣସି ସାର୍ବଜନୀନ ପରୀକ୍ଷା ପ୍ରାଧିକାରୀଙ୍କ ସେବାରେ ଥିବା ସରକାରୀ କର୍ମଚାରୀମାନେ ସେହି ସାର୍ବଜନୀନ ପରୀକ୍ଷା ପ୍ରାଧିକାରୀଙ୍କ ସେବା ନିୟମ ଅନୁଯାୟୀ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଅଧୀନରେ ରହିବେ:

ଅଧିକନ୍ତୁ ଏହି ଅଧିନିୟମ ଅଧୀନରେ ଏକ ଅପରାଧ ଘଟାଇଥିବା ପ୍ରତିପାଦନ କରିବା ନିମନ୍ତେ ଯଦି ପ୍ରଥମ ଦୃଷ୍ଟିଗତ ମାମଲା ବିଦ୍ୟମାନ ଥାଏ, ତେବେ ସେହି ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟବିଧି କରିବାକୁ କୌଣସି ବିଷୟ ନିବାରଣ କରିବ ନାହିଁ।

*ଏହି ଅଧିନିୟମର ବ୍ୟବସ୍ଥା ଅନ୍ୟ ବିଧି ଗୁଡିକ ସହିତ କାର୍ଯ୍ୟକାରୀ ହେବ ।*

16. ଏହି ଅଧିନିୟମର ବ୍ୟବସ୍ଥା ମାନ ତତସମୟେ ବଳବତ୍ତର ଥିବା ଅନ୍ୟ କୌଣସି ବିଧିର ଅତିରିକ୍ତରେ ରହିବ ଏବଂ ସେଗୁଡିକୁ ନ୍ୟୁନ କରିବ ନାହିଁ:

ପରନ୍ତୁ ତତସମୟେ ବଳବତ୍ତର ଥିବା ଅନ୍ୟ କୌଣସି ବିଧି ବା ସେପରି ବିଧି ବଳବତ୍ତର ଥିବା ହେତୁ ପ୍ରଭାବ ଥିବା କୌଣସି ବିଲେଖରେ ଯାହାକିଛି ଅସଙ୍ଗତି ଥିବା ସତ୍ତ୍ୱେ ଏହି ଅଧିନିୟମର ବ୍ୟବସ୍ଥାଗୁଡିକର ପ୍ରଭାବ ରହିବ।

*ନିୟମ ତିଆରି କରିବାର କ୍ଷମତା।*

17. (1) ରାଜ୍ୟ ସରକାର ସରକାରୀ ଗେଜେଟରେ ଅଧିସୂଚନା ପ୍ରକାଶ କରି ଏହି ଅଧିନିୟମର ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ପାଇଁ ନିୟମ ପ୍ରଣୟନ କରିପାରିବେ ।

(2) ବିଶେଷ କରି, ଏବଂ ଉପରୋକ୍ତ କ୍ଷମତାର ସାଧାରଣତା ପ୍ରତି ପ୍ରତିକୂଳ ପ୍ରଭାବ ନ ପକାଇ, ଏଭଳି ନିୟମାବଳୀ ନିମ୍ନଲିଖିତ ସମସ୍ତ କିମ୍ବା ଯେକୌଣସି ବିଷୟ ପାଇଁ ବ୍ୟବସ୍ଥା କରିପାରେ, ଯଥା:

(କ) ସାର୍ବଜନୀନ ପରୀକ୍ଷା ସଂଚାଳନା ପାଇଁ ଗ୍ରହଣ କରାଯିବାକୁଥିବା ପ୍ରକ୍ରିୟା, କାର୍ଯ୍ୟଧାରା ଏବଂ କାର୍ଯ୍ୟକଳାପ ନିର୍ଦ୍ଧାରଣ କରିବା ।

(ଖ) ବିହିତ ହେବାକୁଥିବା ବା ବିହିତ ହୋଇପାରିବା ଅନ୍ୟ କୌଣସି ବିଷୟ ।

*ଅସୁବିଧା ଦୂର କରିବାର କ୍ଷମତା*

18. (1) ଯଦି ଏହି ଅଧିନିୟମର ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରିବାରେ କୌଣସି ଅସୁବିଧା ଉପୁଜେ, ତେବେ ରାଜ୍ୟ ସରକାର ତିନି ବର୍ଷ ମଧ୍ୟରେ ସରକାରୀ ଗେଜେଟ୍ ରେ ପ୍ରକାଶିତ ଆଦେଶ ଦ୍ୱାରା, ଏହି ଅଧିନିୟମର ବ୍ୟବସ୍ଥା ସହିତ ଅସଙ୍ଗତ ହେଉନଥିବା ଏଭଳି ବ୍ୟବସ୍ଥା କରିପାରିବେ, ଯାହା ଅସୁବିଧା ଦୂର କରିବା ପାଇଁ ଜରୁରୀ ମନେହୁଏ ।

(2) ଉପ-ଧାରା (1) ଅନୁଯାୟୀ କରାଯାଇଥିବା ପ୍ରତ୍ୟେକ ଆଦେଶ, ଯଥାଶୀଘ୍ର ସମ୍ଭବ, ରାଜ୍ୟ ବିଧାନସଭାରେ ଉପସ୍ଥାପନ କରାଯିବ |

## ଅନୁସୂଚୀ

[ଧାରା 2(1)(O) ଏବଂ (ଣ) ଦ୍ରଷ୍ଟବ୍ୟ)]

ପରୀକ୍ଷା ପରିଚାଳିତ କରୁଥିବା

1. ଓଡ଼ିଶା ଲୋକସେବା ଆୟୋଗ ।
2. ଓଡ଼ିଶା କର୍ମଚାରୀ ଚୟନ ଆୟୋଗ ।
3. ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ ।
4. ସେବା ଚୟନ ବୋର୍ଡ ।
5. ଓଡ଼ିଶା ପୋଲିସ ଚୟନ ବୋର୍ଡ ।
6. ଓଡ଼ିଶା ଶିକ୍ଷା (ରାଜ୍ୟ ପାଇଁ ପ୍ରବରଣ ମଣ୍ଡଳୀ) ନିୟମାବଳୀ, ୧୯୯୨ ଅନୁଯାୟୀ ଗଠିତ ରାଜ୍ୟ ପ୍ରବରଣ ମଣ୍ଡଳୀ ।
7. ଓଡ଼ିଶା ବୃତ୍ତିଗତ ଶିକ୍ଷା ପ୍ରତିଷ୍ଠାନ (ନାମଲେଖା ନିୟନ୍ତ୍ରଣ ଏବଂ ଫି ନିର୍ଦ୍ଧାରଣ) ଅଧିନିୟମ, 2007 ଦ୍ୱାରା ନିୟନ୍ତ୍ରିତ ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା ।
8. ରାଜ୍ୟ ସରକାରଙ୍କ ବିଭାଗ ଏବଂ ସେମାନଙ୍କ ସଂପୃକ୍ତ ଓ ଅଧୀନସ୍ଥ କାର୍ଯ୍ୟାଳୟ କର୍ମଚାରୀ ନିଯୁକ୍ତି ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ନିୟୋଜିତ କିମ୍ବା ଗଠିତ ଚୟନ ଏଜେନ୍ସି/ କମିଟି ଏବଂ
9. ରାଜ୍ୟ ସରକାରଙ୍କ ଦ୍ୱାରା ଅଧିସୂଚିତ ଅନ୍ୟ କର୍ତ୍ତୃପକ୍ଷ ।